# ସୂଚୀ


| | |
|---|---|
| ବାଲ୍ମୀକି ଆଶ୍ରମ୍‌ନେ ରାମେଣ୍ | ୧୫ |
| ସୀତା-ରାମ୍ ସମନ୍ଧ୍ ଆର୍ ରାମ୍ ମହେମା | ୨୧ |
| ଦିଲୀପ୍-ରଜାକର୍ ଗୋ ସେବା | ୨୭ |
| ରଘୁ ରଜାକର୍ ଯଜ୍ଞଅଶ୍ୱ ରକ୍ଷା | ୩୪ |
| ରଘୁରଜା ଆର୍ କୌସ୍ତରଷି କଥା | ୪୧ |
| ଦୁର୍ବାସା ଅମ୍ବରୀଷ୍ କଥା | ୪୮ |
| ସଗର୍ ରଜା ଆର୍ ଗଙ୍ଗା କଥା | ୫୭ |
| ନାରଦ୍ ମୁନିକର୍ କାମ୍ ଜଏ ଆର୍ ମୋହିନୀ କନ୍ୟା କଥା | ୬୫ |
| ବାଲ୍ମୀକି ଚରିତ | ୭୬ |
| ଦଶରଥ୍ ବିହା | ୮୫ |
| ଦଶରଥ୍ ରଜା ହାତେଁ ରଷିପୁତ୍ର ମର୍‌ବାର୍ | ୯୨ |
| ପୁତ୍ରେଷ୍ଟି ଯଜ୍ଞ ଆର୍ ରଷିଶୃଙ୍ଗ ମୁନି | ୧୦୩ |
| ଦଶରଥ୍ ଶମ୍ବରାସୁର୍ ଲଢେଇ | ୧୧୫ |
| ରାମ୍ ଜନମ୍ ଆର୍ ବିଶ୍ୱାମିତ୍ର ସାଙ୍ଗେଁ ରାମ୍ ଲକ୍ଷ୍ମଣ୍ ଯିବାର୍ କଥା | ୧୧୯ |
| ବିଶ୍ୱାମିତ୍ର ଯଜ୍ଞରକ୍ଷା, ତାଡ଼କା-ମାରୀଚ-ସୁବାହୁ ବଧ | ୧୩୦ |
| ଅହଲ୍ୟା ଉଦ୍ଧାର୍, ଗଙ୍ଗାପାରି, ଧୀବର୍ | ୧୩୮ |
| ରାମ୍ ଲକ୍ଷ୍ମଣ୍ ମିଥିଲା ପୁହୁଁଚିଲେ | ୧୪୮ |
| ସ୍ୱୟଂବର୍ ସଭା କଥା | ୧୫୯ |
| ଶିବ୍ ଧନୁ ଭଙ୍ଗ | ୧୭୦ |
| ରାମ୍ ସାଙ୍ଗେଁ ଚାରିଭାଇକର୍ ବିହା ପର୍ଶୁରାମ୍ ଭେଟ୍ | ୧୭୯ |
| ରାମ୍ ରଜା ହେବାର୍ ପ୍ରସ୍ତାବ୍, କୈକେୟୀ-ମନ୍ଥରା କଥା | ୧୮୯ |
| କୈକେୟୀର୍ ବର୍‌ମଗା | ୨୦୦ |
| ରାମ୍ ବନ୍ ଯିବାର୍ ସଜ୍‌ବାଜ୍ | ୨୦୯ |
| ରାମ୍ ଅଯୋଧ୍ୟା ଛାଡ଼ି ଗଙ୍ଗାଖଁଡ଼ି ପୁହୁଁଚିବାର୍ | ୨୨୧ |
| ଚିତ୍ରକୂଟେଁ ରାମ୍ ଭରଦ୍ ମିଲନ୍ | ୨୩୧ |
| ଚିତ୍ରକୂଟେଁ ସଭା ଆର୍ ଭରତର୍ ବିନ୍ତି | ୨୪୩ |
| ରାବଣର୍ କହେଁ ଶୁକ୍ ସାରଣ୍ ଚିତ୍ରକୂଟ୍‌ନେ | ୨୪୯ |
| ସୀତାକର୍ ବାଏଲ୍ ପିଣ୍ଡ୍ ଦେବାର୍ | ୨୫୯ |
| ଶରଭଙ୍ଗ୍ ଆର୍ ସୁତୀକ୍ଷ୍ଣ ରଷିକର୍ ଭେଟ୍ | ୨୬୮ |
| ସୂପ୍‌ନଖୀର୍ ନାକ୍-କାନ୍-କଟା | ୨୭୭ |
| ସୂପ୍‌ନଖୀ-ରାବଣ୍ ଆର୍ ରାବଣ୍-ମାରିଚ୍ କଥା | ୨୮୭ |
| ସୀତାଚୋରୀ | ୨୯୮ |
| ସୀତା ନୁର୍‌ବାର୍ ଆର୍ ଜଟାୟୁ ଭେଟ୍ | ୩୦୮ |
| ଶବରୀର୍ କଥା | ୩୧୭ |


□□□

ଅଜାନ୍ ବାହୁ ଜଁଦ୍‌ଟେ ଆଏଲା ସମ୍‌କର୍ ଅଜାନ୍ ଟକେଁ
ହାତ ଲମିଛେ କୁଷେ ଦାଁଦ୍ ଗିଲ୍‌ରି ପରେ ହାଦ୍‌କେଁ । ॥୨୧॥

କଟ୍‌କୁଁ ଲମ୍ ଗୋଡ୍ ଚେହେରା ତାଲ୍ ଗଛୁଁ ବି ଡେଙ୍ଗ୍
ଆଏଁଖ୍‌ମାନେ କର୍ପନେ ଆ'ନ୍ ବୁଢ଼ା ଢୁଡ଼ା ବେଙ୍ଗ୍ । ॥୨୨॥

ହାତେଁ ଧରେ ତିର୍ଶୂଲ୍ ବେଧା ପଶୁମୁଡ୍ ମାନ୍
ଲହୁଝରି ଲାଲ୍ ଦିଶୁଛେ ଚାଲ୍‌ଲା ବୁଲ୍‌ଲା ଠାନ୍ । ॥୨୩॥

ରାମ୍ ଲକ୍ଷ୍ମଣ୍ ସୀତା ଦେଖିଁ ମୁହୁଁ ବୁହିଲା ଲାଲ୍
କହେଲା ଛୁଏ ଅକାଲେଁ ଆଏଲ୍ ପୂର୍‌ଲା ତୁମର୍ କାଲ୍ । ॥୨୪॥

ଝାର୍‌ର୍ ଜଁଦ୍ ଖାଇ ଖାଇ ଲାଗିଥିଲା ନ ଚିଟା
ମନ୍‌ଚିଦ୍ ଜାନି ଯୁଟାଲା ବିହି ମୁନୁଷ୍ ମାଉଁସ୍ ଛଟା । ॥୨୫॥

କିଏ ? କାହିଁ ଆଇଛ ? ଝାରେଁ ବୁଲ କାଏଁ ସୋଜ୍ ?
ନୂଆଁ ଦେଖେଁ ନାଇଁ ଦେଖି ଝାରେଁ ବୁଲିଁ ରୋଜ୍ । ॥୨୬॥

ଯୋ'ବି ହ' ବାବାଜୀ ବେଶେଁ ସାଙ୍ଗେଁ ରଖ ନାରୀ
ସଂସାର୍‌କେ ଭଜୁଆ ବନେଇ ରଖ ଠକି ନାରୀ । ॥୨୭॥

ନାଇଁପରେଁ ଠକେଁ ଠିକ୍ କହେଁ ନାରୀଟାକ
ମତେ ଦେଇ ଜାନ୍ ବଅଁଚାଇ ଭାଗ, ନାଇଁ ଟାକ । ॥୨୮॥

ନାଇଁ ହେଲେଁ ଆହାର୍ ହେବ ଜଲେ ଭୋକର୍ ଛୁଏ
ଭୋକ୍ ହେଲେଁ ଲୋକର୍ ଭଲ୍ ମନ୍ଦ ବାଆରି ନୁହେ । ॥୨୯॥

ଏଦ୍‌କି କହି ଛାପ୍‌କି ଧଏଲା ସୀତା ଜନକ୍ ଜେମା
ସୀତା କିର୍‌ଲାନ୍ କେତ୍ତା ହେଲା ଇଂଟା ଯେ ମା! ଯେ ମା' । ॥୩୦॥

ରାମ୍ କହେଲେ ପର୍ ନାରୀନେ ଆଏଁଖି ପକାଲା ବେଲୁଁ
ଧନନ୍ ଛଡା !ମରନ୍-ବାଟେଁ ସହଜେଁ ଯାତ୍‌ରା ହେଲୁ । ॥୩୧॥

ଥିତା କାହିଁ ସୀତା ମେତାଲ୍ ନାରୀ ଲ ସଂସାରେଁ ?
କେନ୍ ମା ଏତେ ସେନ୍‌ହେ ଦେବା ତାକର୍ ଅନ୍‌ସାରେଁ ? ॥୪୩॥

ସେ ସେନେହୁଁ ଅଏତ୍‌କା କାଣା ନୁର୍‌ବା ଆତ୍ମା-ପୁରୁଷ୍
ଜଗତ୍ ସାରାର୍ ଶକ୍ତି ଭରା ମୂର୍‌ତି ହୁଏ ଦୁରୁଣ୍ । ॥୪୪॥

ଭଲେ ନିଙ୍ଗେଁ ରହେଲା ନାଇଁ ଦି ହ୍‌ର ସୁଖର୍ ଭୁଲେଁ
ଅଯୋଧ୍ୟାନେ, ଜନମ୍ ଯାଇଥିତାନ ଫୁର୍‌ଙ୍କୁଲେ । ॥୪୫॥

ସୀତାରାମ୍‌ର ସାଙ୍ଗେଁ ରହି ମନ୍ ଯାଇଛେ ରମି
ତାହାକୁଁ ଛାଡ଼ି ମନେ ଆର୍ କେ ନାଇଁ ପାରେ ଶମି । ॥୪୬॥

ସୀତା ମିତାଲ୍ ଦିଶନ୍ ସ୍ତ୍ରୀ-ଲିଙ୍ଗର୍ ସବ୍ ପରାନୀ
ପୁରୁଷ୍ ସବୁ ଦୁସ୍‌ରା ନୁହନ୍ ରାମ୍‌ର ଲେଖେଁ ଜାନି । ॥୪୭॥

ସର୍‌ଲାଗ୍ ପାଇ ସରଗ୍-ମହରର୍ ସୀତା-ସରାଗ୍
ଜୀବନ୍ ଗୀତେଁ ଆଲାପ୍ ଧରେ ନୂଆଁ ନୂଆ ରାଗ୍ । ॥୪୮॥

ସୀତା-ରାମ୍ ଚିନ୍ତା ଭିତ୍‌ରେଁ ଥିବାର୍ ତଙ୍କ-ରଦ୍
ବନ୍‌ଏ ଲାଗେ, ବାହାରି ଆଏଲେଁ ବନିହାଁ ବିର୍‌ଙ୍କଦ୍ । ॥୪୯॥

ଗୋଦାବରୀ ଖଁଡ଼ି ଲକ୍ଷ୍ମଣ୍ ଭାବ୍‌ନା-ପୁରୁର୍-ଆବ୍‌ରି
ସୋଜ୍ ଭାବ୍‌କେ ଆଏବାକେ ନାଇଁ ପାର୍‌ବାର୍ ଉବ୍‌ରି । ॥୫୦॥

ଥାବ୍ ନାଇଁ ନ ହଠାତ୍ ତାକର୍ ଭାବ୍‌ନା ହେଲା ବନା
ଶୁଭ୍‌ଲା ଲେଖେଁ ଲାଗ୍‌ଲା ବାକେ କା'ର୍ ପାହାର୍ ପଁଜ୍‌ନା । ॥୫୧॥

ସେ ଆଡ଼କେ ଅଜାନ୍ ତଙ୍କେଁ ନଜର୍ ହେଲା ଟାନି
ନଜର୍ ସାଙ୍ଗେଁ ନର୍‌ଦିଲା ମନ୍ ମନା ନାଇଁ ମାନି । ॥୫୨॥

ନଏତ୍ ଆଡୁଁ କୁରିଆ ଦିଗ୍‌କେ ଆସେ ନାରୀ ଜନ୍‌ଏ
ବଏସ୍ ନୁହେ ଜହ ଆର୍ ଚେହେରା ବନିହାଁ ବନ୍‌ଏ । ॥୫୩॥

